## ଚିଲିକା, ବାଣପୁର ସହ ୨ ଏନ୍ଏସି ଶଟ୍‌ଡାଉନ

ଖୋର୍ଦ୍ଧା ଅଫିସ/ବାଲୁଗାଁ/ବାଣପୁର,(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେଥିରୁ ଚିଲିକା, ବାଣପୁର ଅଞ୍ଚଳର ସ୍ଥିତି ଉଦ୍‌ବେଗଜନକ ରହିଛି। ସଂକ୍ରମଣ ରୋକିବା ଲାଗି ଉପଜିଲାପାଳ ଅଶୋକ ବେହୁରିଆ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଚିଲିକା ବ୍ଲକର ୧୭ ପଞ୍ଚାୟତ, ବାଲୁଗାଁ ଏନ୍ଏସିର ୧୧ ୱାର୍ଡ ସମେତ ବାଣପୁର ବ୍ଲକର ୧୭ ପଞ୍ଚାୟତ ଏବଂ ୧୫ୱାର୍ଡ ବିଶିଷ୍ଟ ଏନ୍ଏସିକୁ ୭୨ଘଣ୍ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି। ମଙ୍ଗଳବାର ସନ୍ଧ୍ୟା ୭ରୁ ୧୪ତାରିଖ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ କଟକଣା ରହିବ। ଜରୁରିକାଳୀନ ସେବା ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ବଜାର ବନ୍ଦ ରହିବ। ସମସ୍ତ ପ୍ରବେଶପଥକୁ ସିଲ୍ କରାଯିବ।

### ସଂକ୍ଷେପରେ

## ବରିଷ୍ଠ ନେତ୍ରୀଙ୍କୁ ଜିଲା ଦାୟିତ୍ୱ

### ମହିଳା ସଙ୍ଗଠନ ପାଇଁ ବିଜେଡିର ବିଜ୍ଞପ୍ତି ପ୍ରକାଶ

ଭୁବନେଶ୍ୱର,୧୦।୮(ବ୍ୟୁରୋ): ବିଜୁ ଜନତା ଦଳର ବରିଷ୍ଠ ମହିଳା ନେତ୍ରୀମାନଙ୍କୁ ବିଭିନ୍ନ ଜିଲା ମହିଳା ସଙ୍ଗଠନର ଇନ୍‌ଚାର୍ଜ ଭାବେ ନିଯୁକ୍ତି ଦିଆଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହି ଦାୟିତ୍ୱ ବଣ୍ଟନ କରାଯାଇଥିବା ନେଇ ସୋମବାର ଦଳୀୟ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ଗୀତା ବସ୍ତିଆଙ୍କୁ ଗଞ୍ଜାମ ଜିଲା ଦାୟିତ୍ୱ ଦିଆଯାଇଥିବାବେଳେ ଲୋପାମୁଦ୍ରା ବକ୍ସିପାତ୍ରଙ୍କୁ କେନ୍ଦୁଝର, କସ୍ତୁରୀ ମହାପାତ୍ରଙ୍କୁ ଖୋର୍ଦ୍ଧା-ଭୁବନେଶ୍ୱର, ଉର୍ମିଳା ଦାସଙ୍କୁ ମୟୂରଭଞ୍ଜ, ପ୍ରଭାସିନୀ ଷଡ଼ଙ୍ଗୀଙ୍କୁ କଟକ, ଜ୍ୟୋତି ପାଣିଗ୍ରାହୀଙ୍କୁ ସୁନ୍ଦରଗଡ଼, ସ୍ନିଗ୍ଧା ପାଣିଗ୍ରାହୀଙ୍କୁ ରାୟଗଡ଼ା, ଭାରତୀ ସିଂଙ୍କୁ ବାଲେଶ୍ୱର, କୁଞ୍ଜଲତା ସାମଲଙ୍କୁ ନୟାଗଡ଼, ସଂଯୁକ୍ତା ମହଲାଙ୍କୁ ଜଗତ୍‌ସିଂହପୁର, ନିବେଦିତା ମହାନ୍ତିଙ୍କୁ ମାଲକାନଗିରି, ସଂଘମିତ୍ରା ଦଳେଇଙ୍କୁ କନ୍ଧମାଳ, ରେଜୁଆନା ବେଗମଙ୍କୁ ଯାଜପୁର, ମିନତୀ ଦେବତାଙ୍କୁ ସମ୍ବଲପୁର ଓ ଗୀତା ରାଉତଙ୍କୁ କେନ୍ଦ୍ରାପଡ଼ା ଜିଲାର ମହିଳା ସାଙ୍ଗଠନିକ ଦାୟିତ୍ୱ ଦିଆଯାଇଛି। ସେହିପରି ସରୋଜିନୀ ରାଜ୍‌ଙ୍କୁ ବଲାଙ୍ଗୀର, ପୁଷ୍ପାଞ୍ଜଳି ରଣାଙ୍କୁ ଅନୁଗୋଳ, ସଂଯୁକ୍ତା ମହାନ୍ତିଙ୍କୁ କଳାହାଣ୍ଡି, ସନ୍ଧ୍ୟା ବିଶ୍ୱାଳଙ୍କୁ ପୁରୀ, ରଞ୍ଜୁଲତା ରାୟଙ୍କୁ ସୋନପୁର, ରୁନୁ ଜେନାଙ୍କୁ ନୂଆପଡ଼ା, ମୀରା ପରିଡ଼ାଙ୍କୁ କୋରାପୁଟ, ନିବେଦିତା ନାୟକଙ୍କୁ ବରଗଡ଼, ସରୋଜିନୀ ମହାପାତ୍ରଙ୍କୁ ଭଦ୍ରକ, ସମ୍ପା ମଜୁମ୍‌ଦାରଙ୍କୁ ନବରଙ୍ଗପୁର, ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ଢେଙ୍କାନାଳ, ସାଗରିକା ମିଶ୍ରଙ୍କୁ ଝାରସୁଗୁଡ଼ା, ବାସନ୍ତୀ ସିଂଙ୍କୁ ବୌଦ୍ଧ, ବନଜା ମହାନ୍ତିଙ୍କୁ ଦେବଗଡ଼ ଓ ବାସନ୍ତୀ ମହାପାତ୍ର ଗଜପତି ଜିଲାର ମହିଳା ସଙ୍ଗଠନ କଥା ବୁଝିବେ।

## ସେବାୟତଙ୍କୁ ସହାୟତା ପ୍ରସଙ୍ଗରେ ୨୫ରେ ଶୁଣାଣି

କଟକ ଅଫିସ,୧୦।୮: ଲକ୍‌ଡାଉନ୍ ଯୋଗୁ ମନ୍ଦିରଗୁଡ଼ିକ ବନ୍ଦ ଥିବାରୁ ସେବାୟତମାନେ ରୋଜଗାର ହରାଇଛନ୍ତି। ମାସିକ ଆର୍ଥିକ ସହାୟତା ପାଇଁ ରୁଜୁ ହୋଇଥିବା ଦୁଇଟି ମାମଲାର ଏକତ୍ର ଶୁଣାଣି ଆସନ୍ତା ୨୫ ତାରିଖରେ ହେବ ବୋଲି ହାଇକୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ଏଥିସହ ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୁରୀର କାକଟପୁର ମା' ମଙ୍ଗଳା ମନ୍ଦିର ଓ ନୟାଗଡ଼ ଜିଲାର ଜଣେ ସେବାୟତ ଘନଶ୍ୟାମ ପଣ୍ଡାଙ୍କ ପକ୍ଷରୁ ମାମଲା ଦାଏର ହୋଇଛି। ଘନଶ୍ୟାମ ନିଜ ଆବେଦନରେ ଦର୍ଶାଇଥିଲେ ଯେ, ଦେବୋତ୍ତର କମିଶନଙ୍କ ଅଧୀନରେ ରାଜ୍ୟରେ ପ୍ରାୟ ୧୪ ହଜାର ମନ୍ଦିର ରହିଛି। ଏହା ପୂର୍ବରୁ କାକଟପୁରର ସେବାୟତମାନେ ମାସିକ ୧୫ ହଜାର ଟଙ୍କା ସହାୟତା ପାଇଁ ମାମଲା କରିଥିଲେ। ଉଭୟ ମାମଲା ସମାନ ଧରଣର ହୋଇଥିବା ଯୋଗୁ ଏକତ୍ର ଶୁଣାଣି ପାଇଁ ହାଇକୋର୍ଟର ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍ ଓ ବିଚାରପତି ବି.ଆର୍. ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

# ରାଜଧାନୀରେ ଆକ୍ରାନ୍ତ ସଂଖ୍ୟା ୪ ହଜାର ଟପିଲା

### ଦିନକରେ ୧୩୩ ପଜିଟିଭ୍, ୨୦୦ ସୁସ୍ଥ

ଭୁବନେଶ୍ୱର, ୧୦।୮(ବ୍ୟୁରୋ)

ଭୁବନେଶ୍ୱରରୁ ଦିନକରେ ଆଉ ୧୩୩ ରିପୋର୍ଟ ପଜିଟିଭ୍ ଆସିଛି। ଏଥିମଧ୍ୟରୁ ୯୬ଜଣ ସଙ୍ଗରୋଧରୁ ଚିହ୍ନଟ ହୋଇଥିବାବେଳେ ୩୭ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏହାକୁ ମିଶାଇ ରାଜଧାନୀରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୦୬୨ରେ ପହଞ୍ଚିଛି। ଖୋର୍ଦ୍ଧା ଜିଲାରେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ୬୬୬୩ ରହିଥିବାବେଳେ କେବଳ ଭୁବନେଶ୍ୱରରେ ଅଧାରୁ ଅଧିକ ରହିଥିବାରୁ ଚିନ୍ତା ବଢ଼ିଛି। ବିଏମ୍‌ସିର ତଥ୍ୟ ମୁତାବକ, ସ୍ଥାନୀୟ ଅଞ୍ଚଳରୁ ଚିହ୍ନଟ ନୂଆ ୩୭ ଜଣଙ୍କ ମଧ୍ୟରେ ଝାରପଡ଼ା ଓ ଡୁମୁଡୁମା ଫେଜ୍-୨ରୁ ୩ଜଣ ଲେଖାଏ, ଜୟଦେବ ବିହାର ଓ ସୂର୍ଯ୍ୟନଗରରୁ ୨ଜଣ ରହିଥିବାବେଳେ ୟୁନିଟ୍-୮, ଭୀମଟାଙ୍ଗୀ, ଚିନ୍ତାମଣିଶ୍ୱର, କଟକରୋଡ଼, ପୋଖରୀପୁଟ ଲିଙ୍ଗରାଜ ବିହାର, ଭିଏସ୍ଏସ୍ ନଗର, କାଳୀମନ୍ଦିର, ଭୋଇନଗର, ଡମଣା, ଲକ୍ଷ୍ମୀସାଗର, ନୀଳାଦ୍ରିବିହାର, ପଟିଆ ପ୍ରଶାନ୍ତି ବିହାର, ସାମନ୍ତରାପୁର, ଚନ୍ଦ୍ରଶେଖରପୁର, ଭରତପୁର, ନୟାପଲ୍ଲୀ ଏନ୍-୫ ଓ ଏନ୍-୬ ଲେନ୍, ପାଇକ ନଗର, ତେଲୁଗୁ ବସ୍ତି, ବିଳାସିନୀ ମଣ୍ଡପ, ମହିଷାଖାଲ, କପିଳେଶ୍ୱର, ଗୋସାଗରେଶ୍ୱର, ରଣସିଂହପୁର, ୟୁନିଟ୍-୯ରୁ ଜଣେ ଲେଖାଏ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି।

ଅନ୍ୟପକ୍ଷରେ ସଙ୍ଗରୋଧରୁ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ବିଜେବିନଗର, ପଳାଶୁଣୀ ଓ ନୟାପଲ୍ଲୀସ୍ଥିତ କ୍ରିଷ୍ଟା ଟାୱାରରୁ ୭ଜଣ ଲେଖାଏ ପଜିଟିଭ୍ ବାହାରିଥିବାବେଳେ ଆଇଆର୍‌ସି ଭିଲେଜ୍ ଭିଆଇପି କଲୋନୀରୁ ୫ ଜଣ ରହିଛନ୍ତି। ସେହିପରି ମଞ୍ଚେଶ୍ୱର, ପୁରୁଣା ଭୁବନେଶ୍ୱର, ରାମେଶ୍ୱର ପାଟଣା, ଲକ୍ଷ୍ମୀସାଗରରୁ ୪ ଜଣ ଲେଖାଏ ଚିହ୍ନଟ ହୋଇଥିବାବେଳେ ନୟାପଲ୍ଲୀ, ସାମନ୍ତରାପୁର, ବଡ଼ଗଡ଼, ବମିଖାଲ ଓ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୩ଜଣ ଲେଖାଏ ରହିଛନ୍ତି। ଏହାବ୍ୟତୀତ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ସଙ୍ଗରୋଧରୁ ଜଣେ ଦୁଇଜଣ ଲେଖାଏ ଚିହ୍ନଟ ହୋଇଛନ୍ତି। ଏପଟେ ସୋମବାର ଦିନକରେ ୨ଶହ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଫଳରେ ଭୁବନେଶ୍ୱରରେ ଆରୋଗ୍ୟ ସଂଖ୍ୟା ୨୬୭୩ରେ ପହଞ୍ଚିଛି ଓ ଏବେ ବି ୧୩୬୭ଜଣ ସକ୍ରିୟ ସଂକ୍ରମିତ ରହିଥିବା ବିଏମ୍‌ସି ତଥ୍ୟରୁ ଜଣାପଡିଛି।



ଜନ୍ମାଷ୍ଟମୀ ଉପଲକ୍ଷେ ସୋମବାର ଭୁବନେଶ୍ୱର ବାଣୀବିହାର ନିକଟରେ ଜଣେ ବାଳିକା କୃଷ୍ଣ ମୂର୍ତ୍ତିରେ ରଙ୍ଗ ଦେଉଛନ୍ତି।

# ଭିଡିଓ କନଫରେନ୍ସରେ ହାଜର ହେବେ ଯୁବତୀ

### ସମଲିଙ୍ଗୀ ସାଥୀଙ୍କୁ ଉଦ୍ଧାର ମାମଲାରେ ହାଇକୋର୍ଟ ନିର୍ଦ୍ଦେଶ

କଟକ ଅଫିସ,୧୦।୮

ନିଜ ସମଲିଙ୍ଗୀ ସାଥୀଙ୍କୁ ଉଦ୍ଧାର ପାଇଁ ଜଣେ ଯୁବତୀ ହାଇକୋର୍ଟରେ ରୁଜୁ କରିଥିବା ହେବିୟସ୍ କର୍ପସ ମାମଲାର ଶୁଣାଣି ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ଯାଜପୁର ଏସ୍‌ପି ତଦନ୍ତ ରିପୋର୍ଟ ଦାଖଲ କରିଛନ୍ତି। ବରୀ ଥାନା ଅଧିକାରୀ ଯୁବତୀଙ୍କ ଘରକୁ ଯାଇ ତଦନ୍ତ କରିଥିବା ରିପୋର୍ଟରେ ଦର୍ଶାଯାଇଛି। ତଦନ୍ତ ବେଳେ ଜଣାପଡ଼ିଛି ଯେ, ବରୀର ଯୁବତୀ ଓ ଆବେଦନକାରିଣୀଙ୍କ ମଧ୍ୟରେ ପୂର୍ବରୁ ପ୍ରେମ ସମ୍ପର୍କ ଥିଲା। ଆବେଦନକାରିଣୀଙ୍କୁ ସେ ବିବାହ କରିବାକୁ ଚାହୁଁଥିବା ଯୁବତୀ ବୟାନ ଦେଇଛନ୍ତି। ଯୁବତୀଙ୍କ ମା' ଓ ମାମୁ ପୋଲିସ୍‌କୁ ଲିଖିତ ଭାବେ ଜଣାଇଛନ୍ତି ଯେ, ସେମାନେ ତାଙ୍କୁ ବଳପୂର୍ବକ କେଉଁଠି ବିବାହ କରାଇବେ ନାହିଁ କି ନିର୍ଯାତନା ଦେବେ ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଲିଖିତ ରିପୋର୍ଟକୁ ସରକାରୀ ଆଇନଜୀବୀ ଶାଶ୍ୱତ ପଟ୍ଟନାୟକ ହାଇକୋର୍ଟରେ ଦାଖଲ କରିଛନ୍ତି। ବିଚାରପତି ଜଷ୍ଟିସ୍ ଏସ୍.କେ. ମିଶ୍ର ଓ ବିଚାରପତି ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ୧୭ରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ଶୁଣାଣି ବେଳେ ଭିଡିଓ କନଫରେନ୍ସ ଜରିଆରେ ଯୁବତୀଙ୍କୁ ହାଜର କରିବା ପାଇଁ ଯାଜପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ହୋଇଛି। ୨୦୧୧ରୁ ଆବେଦନକାରିଣୀ ଯୁବତୀ ଏବଂ ବରୀର ସଂପୃକ୍ତା ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଚାଲିଛି। ଲିଭ୍ ଇନ୍ ରିଲେସନ୍‌ଶିପ୍‌ରେ ରହିବା ପାଇଁ ୨୦୨୦ ମାର୍ଚ୍ଚ ୧୭ରେ ସେମାନେ ଭୁବନେଶ୍ୱର କାର୍ଯ୍ୟକାରୀ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ସତ୍ୟପାଠ ଦେଇଥିଲେ। ଏକଥା ଜାଣିବା ପରେ ବରୀର ଯୁବତୀଙ୍କ ତାଙ୍କ ମା' ଓ ମାମୁ ବଳପୂର୍ବକ ଉଠାଇନେଇ ଆଉ ଜଣଙ୍କ ସହ ବିବାହ କରିବାକୁ ବାଧ କରୁଥିଲେ। ଏନେଇ ଆବେଦନକାରିଣୀ ଖଣ୍ଡଗିରି ଓ ବରୀ ଥାନାରେ ଏତଲା ଦେଇଥିଲେ। କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେ ଜୁଲାଇ ୩ରେ ହାଇକୋର୍ଟ ଯାଇଥିଲେ।

## ଟ୍ରେନ୍ ଚଳାଚଳ ସର୍କୁଲାର ନେଇ ରେଲୱେର ସ୍ପଷ୍ଟୀକରଣ

ନୂଆଦିଲ୍ଲୀ,୧୦।୮

ନୂଆ ଟ୍ରେନ ଚଳାଚଳ କିମ୍ବା ବାତିଲ ନେଇ କୌଣସି ସର୍କୁଲାର ବର୍ତ୍ତମାନ ଜାରି କରାଯାଇ ନ ଥିବା ରେଳ ବୋର୍ଡ ପକ୍ଷରୁ ସୋମବାର ସ୍ପଷ୍ଟୀକରଣ ଦିଆଯାଇଛି। କୌଣସି ନୂଆ ଅର୍ଡର ଜାରି ନ ହେବା ଯାଏ ଟ୍ରେନ ସେବା ବାତିଲ ରହିବ ବୋଲି ଜଣାପଡିଛି। କରୋନା ମହାମାରୀ ବଢିବା ଯୋଗୁ ମେଲ୍, ଏକ୍ସପ୍ରେସ, ପାସେଞ୍ଜର ଏବଂ ସହରତଳି ଟ୍ରେନଗୁଡିକ ସେପ୍ଟେମ୍ବର ୩୦ ଯାଏ ବାତିଲ ରହିବ ବୋଲି ସୋସିଆଲ ମିଡିଆରେ ଏକ ମିଥ୍ୟା ଖବର ଭାଇରାଲ ହେବା ପରେ ରେଳ ବୋର୍ଡ ଏଭଳି ପ୍ରତିକ୍ରିୟା ରଖିଛି। ବୋର୍ଡ ପକ୍ଷରୁ କୁହାଯାଇଛି ଯେ, ସ୍ପେଶାଲ, ମେଲ୍ ଏବଂ ଏକ୍ସପ୍ରେସ ଟ୍ରେନଗୁଡିକ ପୂର୍ବଭଳି ଚଳାଚଳ କରିବ। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଯାତ୍ରୀମାନେ ପୂର୍ବଭଳି ଏଭଳି ସେବା ଲାଭ କରିପାରିବେ। ସୋସିଆଲ ମିଡିଆରେ ବୁଲୁଥିବା ଭ୍ରାମାତ୍ମକ ରିପୋର୍ଟକୁ ବିଶ୍ୱାସ ନ କରିବାକୁ ରେଲୱେ ପକ୍ଷରୁ ଯାତ୍ରୀଙ୍କୁ ନିବେଦନ କରାଯାଇଛି।

# 'ସଂସ୍କୃତର ପ୍ରାଚୀନତାରେ ଆଧୁନିକ ସମ୍ଭାବନା ରହିଛି'

କଟକ ଅଫିସ,୧୦।୮

ସଂସ୍କୃତ ପ୍ରାଚୀନ ହେଲେ ମଧ୍ୟ ସେଥିରେ ଆଧୁନିକ ସମ୍ଭାବନା ନିହିତ ରହିଛି। ବୈଜ୍ଞାନିକମାନେ ଏହାର ମହତ୍ତ୍ୱ ଅନୁଭବ କଲେଣି। ବର୍ତ୍ତମାନ ସମସ୍ତେ ମିଳିମିଶି ସଂସ୍କୃତ ସମ୍ଭାଷଣ ମାଧ୍ୟମରେ ଏହାର ପ୍ରଚାର ପ୍ରସାର କରିବା ଜରୁରୀ। ସଂସ୍କୃତ ସଙ୍ଗୀତ ନାଟକ ଏକାଡେମୀ ଓ ସଂସ୍କୃତ ସାହିତ୍ୟ ଏକାଡେମୀ ପକ୍ଷରୁ ଅନୁଷ୍ଠିତ ୱେବିନାରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏଭଳି ଆହ୍ୱାନ ଦେଇଛନ୍ତି। ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରିୟ କୃଷି ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଲୋକଭାଷା ପ୍ରଚାର ସମିତି ରାଷ୍ଟ୍ରୀୟ ଅଧ୍ୟକ୍ଷ ସଦାନନ୍ଦ ଦୀକ୍ଷିତ, ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ଝାଡ଼ଖଣ୍ଡ କୋଲାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗଙ୍ଗାଧର ପଣ୍ଡା, ଦିଲ୍ଲୀ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ମୁକ୍ତ ସ୍ୱାଧ୍ୟାୟ ପୀଠ ନିର୍ଦ୍ଦେଶକ ଡ. ସୁକାନ୍ତ ସେନାପତି, ଶାନ୍ତି ନିକେତନର ପ୍ରଫେସର ଅରୁଣ ରଞ୍ଜନ ମିଶ୍ର, ପୁରୀ ରାଷ୍ଟ୍ରୀୟ ସଂସ୍କୃତ ବିଦ୍ୟାଳୟର ଡ. ଉମାକାନ୍ତ ମିଶ୍ର, ଦମଦମ ମୋତିଝିଲ ରବୀନ୍ଦ୍ର ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ସୁକନ୍ୟା ଭଟ୍ଟାଚାର୍ଯ୍ୟ, ରାଜ୍ୟ ସଂସ୍କୃତ ତତ୍ତ୍ୱଜ୍ଞ ପ୍ରଶିକ୍ଷକ କାଳୀ ପ୍ରସନ୍ନ ଶତପଥୀ, ଡ. ଗୌତମ ମହାରଣା, ପଣ୍ଡିତ ନୃସିଂହ ଚରଣ ପଣ୍ଡା, ପ୍ରାଧ୍ୟାପକ ରୁରୁ ମହାପାତ୍ର ବକ୍ତବ୍ୟ ରଖିଥିଲେ। ସଂସ୍କୃତ ସାହିତ୍ୟ ଏକାଡେମୀ ସଚିବ ବିପିନ ବିହାରୀ ଶତପଥୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ ଓ ସଂସ୍କୃତ ସଙ୍ଗୀତ ନାଟକ ଏକାଡେମୀ କାର୍ଯ୍ୟକାରୀ ସମ୍ପାଦକ ନୀରଦ ଚନ୍ଦ୍ର ଆର୍ଯ୍ୟ ସଂଯୋଜନା କରିଥିଲେ।

# ରାସ୍ତା, କୋଠାବାଡ଼ି କାମର ସମୀକ୍ଷା



ବୈଠକରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଓ ଅନ୍ୟମାନେ।

ପୁରୀ ଅଫିସ,୧୦।୯

ପୁରୀ ସର୍କିଟ ହାଉସରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ସୋମବାର ପୂର୍ତ୍ତ ବିଭାଗର ଖୋର୍ଦ୍ଧା ଓ ପୁରୀ ଖଣ୍ଡର ବିଭିନ୍ନ ପ୍ରକଳ୍ପ ଅନ୍ତର୍ଗତ ରାସ୍ତା ଓ କୋଠାବାଡ଼ି ନିର୍ମାଣ ସଂକ୍ରାନ୍ତରେ ସମୀକ୍ଷା କରିଛନ୍ତି। ଏହି ବୈଠକରେ ଖୋର୍ଦ୍ଧା ଖଣ୍ଡ ଅଧୀନରେ ଚାଲିଥିବା ଜଟ୍ଣିକୁଦା କୃଷ୍ଣପ୍ରସାଦ ରାସ୍ତା କାମ, କୃଷ୍ଣପ୍ରସାଦ ଆଇଟିଆଇ ଶ୍ରେଣୀକକ୍ଷ ଓ ପ୍ରୟୋଗଶାଳା ଗୃହ ଚଳିତ ଆର୍ଥିକ ବର୍ଷରେ ଶେଷ କରିବା ଉପରେ ଦାସବର୍ମା ଗୁରୁତ୍ୱ ଦେଇଛନ୍ତି। କୃଷ୍ଣପ୍ରସାଦ ମାଲୁଦଠାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ଜମି ହସ୍ତାନ୍ତର କାର୍ଯ୍ୟ ତୁରନ୍ତ ସାରିବାକୁ ପୁରୀ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପୁରୀ ପୂର୍ତ୍ତଖଣ୍ଡ ଅଧୀନ ବ୍ରହ୍ମଗିରି ବସଷ୍ଟାଣ୍ଡଠାରେ ହରପଦା ଛକ ରାସ୍ତା ଉନ୍ନତୀକରଣ, ଗୌରୀଘାଟ ସେତୁ ପାଖ ଭାର୍ଗବୀ ହରଚଣ୍ଡୀ ରାସ୍ତା କାମ ତ୍ୱରାନ୍ୱିତ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିରୁଳୀ ମହାବୀର ରାସ୍ତା କାମ ସାରିବା, କାକଟପୁର-କୋଣାର୍କ ରାସ୍ତା, ଡେଲାଙ୍ଗ-ବ୍ରହ୍ମଗିରି ରାସ୍ତା ପ୍ରଶସ୍ତୀକରଣ, ପୁରୀ-ସାତପଡ଼ା ରାସ୍ତାରୁ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜନ୍ମପୀଠକୁ ସଂଲଗ୍ନ ସଡ଼କ, ସୁନାମୁହିଁ ବରକୁଦି ରାସ୍ତା, ସତ୍ୟବାଦୀର କଳାପାହାଡ଼ ଛକରୁ ବିଦ୍ୟାଧରପୁର ଏବଂ ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡୋ ରାସ୍ତା ଉନ୍ନତି ଓ ପ୍ରଶସ୍ତୀକରଣ କାମ ଶୀଘ୍ର ଆରମ୍ଭ କରାଯିବ। ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱ ଥିବା ଅବଢ଼ା ଯୋଜନାରେ ହୋଟେଲ ପ୍ରାଚୀଠାରୁ ଷ୍ଟର୍ଲିଙ୍ଗ ଯାଏ ରାସ୍ତା ପ୍ରଶସ୍ତୀକରଣ କାମ ଆରମ୍ଭ କରିବା, ବିଭିନ୍ନ ପ୍ରକଳ୍ପ କାମ ଠିକଣା ସମୟରେ ସାରିବା, ମଞ୍ଜୁର ପାଣ୍ଠିର ପ୍ରଭାବୀ ପରିଚାଳନା ଉପରେ ଦାସବର୍ମା ଗୁରୁତ୍ୱାରୋପ କରିଛନ୍ତି। ଏସ୍‌ସିଏସ୍ ଓ ସରକାରୀ ମହିଳା ମହାବିଦ୍ୟାଳୟର ୩୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅବକାରୀ, ରାଜସ୍ୱ, ଗୃହ, ପୂର୍ତ୍ତ, ହବିଷିଆଳି ଯୋଜନା କୋଠା, କ୍ରୀଡ଼ା ଆଦି ବିଭାଗର କୋଠା ନିର୍ମାଣ କାମର ମଧ୍ୟ ସମୀକ୍ଷା କରିଛନ୍ତି। ବୈଠକରେ ସ୍ପେଶାଲ ଇଞ୍ଜିନିୟର ଆଶିଷ ସୁବୁଦ୍ଧି, ପୁରୀ ଖଣ୍ଡ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଗିରିଶ ଚନ୍ଦ୍ର ରାୟ, ଖୋର୍ଦ୍ଧା ଖଣ୍ଡ ନିର୍ବାହୀ ଯନ୍ତ୍ରୀ ଦୀପକ ପାଣିଗ୍ରାହୀ, ଏସ୍‌ଡିପିଓ ନରେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌କେସିଜି ଆଉଟ୍‌ଡୋର ଖୋଲିବାକୁ ଜନସ୍ୱାର୍ଥ ମାମଲା

କଟକ ଅଫିସ,୧୦।୮

ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଓ ହସ୍ପିଟାଲର ଆଉଟ୍‌ଡୋର ବନ୍ଦ ରହିଛି। ମେଡିକାଲରୁ କେତେଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସ୍ଥାନୀୟ ଜିଲା ପ୍ରଶାସନ ଏହି ପଦକ୍ଷେପ ନେଇଥିଲା। ତେବେ ଏହା ଦ୍ୱାରା ବହୁ ରୋଗୀ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି। ଏମ୍‌କେସିଜି ଉପରେ କେବଳ ଗଞ୍ଜାମ ଜିଲା ନୁହେଁ, ଦକ୍ଷିଣ ଓଡ଼ିଶା ଏପରିକି ଆନ୍ଧ୍ରପ୍ରଦେଶରୁ ମଧ୍ୟ ରୋଗୀମାନେ ଆସନ୍ତି। ତେଣୁ ଆଉଟ୍‌ଡୋର ଖୋଲିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି।

# ଘର ଛାତରେ ଚଢ଼ି ଯୁବକଙ୍କ ଆତଙ୍କ

### କାବୁ କରିବାକୁ ଅଗ୍ନିଶମ ବାହିନୀ ନାକେଦମ୍

ପୁରୀ ଅଫିସ,୧୦।୯

ଶରଧାବାଲି ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ଜଣେ ଯୁବକ ଆତଙ୍କ ସୃଷ୍ଟି କରିଥିଲେ। ଘର ଛାତ ଉପରେ ରହି ରାସ୍ତାକୁ ଅନ୍ଧାଧୁନ୍ଦିଆ ଟେକା ମାଡ଼ କରିଥିଲେ। ଫଳରେ ସେହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିଲା। ସମ୍ପୃକ୍ତ ଯୁବକଙ୍କ ଟେକା ମାଡ଼ରେ କେତେଜଣ ବ୍ୟକ୍ତି ସାମାନ୍ୟ ଆହତ ହୋଇଥିଲେ। ତାଙ୍କୁ କାବୁ କରିବା ପାଇଁ ଅଗ୍ନିଶମ ବାହିନୀ କର୍ମଚାରୀଙ୍କୁ ନାକେଦମ ହେବାକୁ ପଡ଼ିଥିଲା।

ସନ୍ଧ୍ୟା ପ୍ରାୟ ୬ଟାରେ ଯୁବକ ଜଣକ ଘର ଛାତରେ ଠିଆ ହୋଇ ରାସ୍ତାକୁ ଟେକା ମାଡ଼ କରୁଥିଲେ। ସେହି ବାଟ ଦେଇ ଯାଉଥିବା ଲୋକେ ଦେଖିବା ପରେ କାହିଁକି ରାସ୍ତାକୁ ଟେକା ପକାଉଛ ବୋଲି କହିଥିଲେ। ହେଲେ ସେ କିଛି ଶୁଣି ନ ଥିଲେ। କେତେଜଣଙ୍କ ଦେହରେ ଟେକା ବାଜିଥିଲା। ଖବର ପାଇ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି କୌଶଳକ୍ରମେ ତାଙ୍କୁ କାବୁ କରିଥିଲେ। ସମ୍ପୃକ୍ତ ଯୁବକ ମାନସିକ ବିକାରଗ୍ରସ୍ତ ବୋଲି ସେଠାରେ ଉପସ୍ଥିତ ଲୋକଙ୍କ ମଧ୍ୟରେ ଆଲୋଚନା ହେଉଥିବା ଶୁଣିବାକୁ ମିଳିଥିଲା।

# ସାନଭାଇର ଛୁରାମାଡ଼ରେ ଭାଇ, ଭାଉଜ ଗୁରୁତର

- ମା'କୁ ମାରିଦେବାକୁ ଧମକ
- ପୋଲିସକୁ ୧୮ ଘଣ୍ଟା ନାକେଦମ କଲେ ଅଭିଯୁକ୍ତ

ପିପିଲି,୧୦।୮(ସ୍ୱ.ପ୍ର./ଡି.ଏନ୍.ଏ.)

ପିପିଲି ଥାନା ଅଧୀନ ଲକ୍ଷ୍ମୀନାରାୟଣପୁର ଗ୍ରାମରେ ରବିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହକୁ ନେଇ ସାନ ଭାଇର ଛୁରାମାଡ଼ରେ ବଡ଼ ଭାଇ, ଭାଉଜ ଗୁରୁତର ହୋଇଛନ୍ତି। ଗ୍ରାମବାସୀଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଯାଇଛି। ଖବରପାଇ ପୋଲିସ ପହଞ୍ଚିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପ୍ରାୟ ୧୮ଘଣ୍ଟା ପ୍ରୟାସ ଜାରି ରହିଥିଲା। ସୂଚନା ମୁତାବକ, ଏହି ଗ୍ରାମରେ ଦିଲୀପ ରଥ ଓ ବଡ଼ଭାଇ ନିରଞ୍ଜନ ରଥଙ୍କ ମଧ୍ୟରେ ପାରିବାରିକ କଳହ ଲାଗିରହିଥିଲା। ରବିବାର ରାତି ୯ଟାରେ ପୁଣି ଝଗଡ଼ା ହେବାରୁ ଦିଲୀପ ଉତ୍ତ୍ୟକ୍ତ ହୋଇ ଏକ ଛୁରିରେ ବଡ଼ଭାଇଙ୍କ ପେଟରେ ଭୁସି ଦେଇଥିଲା। ଏଥିରେ ଭାଉଜ ରୋକିବାକୁ ଚେଷ୍ଟା କରିବାରୁ ସେ ମଧ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ୨ଜଣଙ୍କୁ ଉଦ୍ଧାର କରିଥିଲେ। ଖବରପାଇ କୌଶଲ୍ୟାଗଙ୍ଗ ଫାଣ୍ଡି ପୋଲିସ ପହଞ୍ଚିବାରେ ଦିଲୀପ ବର୍ତ୍ତିବା ପାଇଁ ନିଜ ମାକୁ ଏକ ବନ୍ଦ କୋଠରି ଘରେ ଚାବି ପକାଇ ମାରି ଦେବାକୁ ପୋଲିସକୁ ଧମକ ଦେଇଥିଲା। ବହୁ ସମୟ ଧରି ଦିଲୀପ ହଙ୍ଗାମା କରିବାରୁ ପିପିଲି ପୋଲିସକୁ ଜଣାଇଦିଆଗଲା। ପରେ ଥାନାରୁ ଏକ ଟିମ ପହଞ୍ଚି ଥିଲେ ମଧ୍ୟ ଧରିବାରେ ନାକେଦମ କରିଦେଇଥିଲେ। ରବିବାର ରାତି ୧୦ଟାରୁ ସୋମବାର ଦିନ ୪ଟା ପର୍ଯ୍ୟନ୍ତ ଚେଷ୍ଟା କରିବା ପରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଘଟଣାସ୍ଥଳେ ପିପିଲି ଏସଡିପିଓ ଦେବଦତ୍ତ ବରାଳ, ଥାନାଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି, ଏସଆଇ ସନ୍ଦିପ ଦାସ, ଏଏସ୍ଆଇ ରବୀନ୍ଦ୍ର ନାୟକ, କୌଶଲ୍ୟାଗଙ୍ଗ ଫାଣ୍ଡି ମିହିର କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ନିରଞ୍ଜନଙ୍କ ପୁଅ ପ୍ରଭୁପ୍ରସାଦ ରଥଙ୍କ ଲିଖିତ ଅଭିଯୋଗକ୍ରମେ ନଂ. ୨୨୬/୨୦ରେ ଏକ ମାମଲା ରୁଜୁ ହୋଇଛି।

# ଅନିଶ୍ଚିତତାରେ ବ୍ୟାଖ୍ୟାନ କେନ୍ଦ୍ର ପ୍ରକଳ୍ପ

### ଗଛଲତାରେ ଲୁଚିଗଲାଣି କଳାକୃତି

ପୁରୀ ଅଫିସ,୧୦।୮

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଐତିହ୍ୟ ଓ ପରମ୍ପରାକୁ ଅଧିକ ସୁଦୂରପ୍ରସାରୀ ତଥା ଲୋକାଭିମୁଖୀ କରିବା ପାଇଁ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଇଣ୍ଟରପ୍ରିଟେଶନ ସେଣ୍ଟର (ବ୍ୟାଖ୍ୟାନ କେନ୍ଦ୍ର)ର ପରିକଳ୍ପନା କରାଯାଇଛି। ଓଡ଼ିଶା ତଥା ଦେଶ ବିଦେଶରୁ ଆସୁଥିବା ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକ ଏହି ମହାନ ସଂସ୍କୃତି ଓ ପରମ୍ପରା ବିଷୟରେ ଯେପରି ସହଜରେ ଅବଗତ ହୋଇପାରିବେ ସେଥିଲାଗି କେନ୍ଦ୍ରରେ ବିଭିନ୍ନ କଳାକୃତି, ପେଣ୍ଟିଂ ତଥ୍ୟ ସହ ପ୍ରଦର୍ଶନ କରାଯିବ। ଏଥିପାଇଁ ପଥର ଖୋଦେଇ କରାଯାଇ ବିଭିନ୍ନ ପ୍ରକାର କଳାକୃତି କରାଯାଇଛି। କେନ୍ଦ୍ର ପାଚେରିରେ ଏହି ଖୋଦେଇ ପଥର ଲାଗିଛି। ହେଲେ ବ୍ୟାଖ୍ୟାନ କେନ୍ଦ୍ର ପ୍ରକଳ୍ପ ଅନିଶ୍ଚିତତା ଭିତରେ ରହିଥିବାବେଳେ କଳାକୃତିରେ ଅନାବନା ଗଛଲତା ମାଡ଼ିଗଲାଣି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପର୍ଯ୍ୟଟନ ମାନଚିତ୍ରରେ ପୁରୀର ସ୍ଥାନ ସ୍ୱତନ୍ତ୍ର। ଏଠାରେ ଶ୍ରୀମନ୍ଦିର ଓ ବିସ୍ତୀର୍ଣ୍ଣ ବେଳାଭୂମି ସହ ବହୁ ପୁରାତନ ମଠ, ମନ୍ଦିର ରହିଛି। ପୁରୀକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା, ଶ୍ରୀଜଗନ୍ନାଥଙ୍କ ଐତିହ୍ୟ, ପରମ୍ପରା ଓ ଶ୍ରୀକ୍ଷେତ୍ରର ସଂସ୍କୃତି ବିଷୟରେ ଭକ୍ତ, ପର୍ଯ୍ୟଟକଙ୍କୁ ଅବଗତ କରାଇବା ପାଇଁ ବ୍ୟାଖ୍ୟାନ କେନ୍ଦ୍ରର ପରିକଳ୍ପନା କରାଯାଇଥିଲା। ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ଏହି କେନ୍ଦ୍ର ପାଇଁ ବହୁବର୍ଷ ହେବ କୋଠା ତିଆରି ସରିଛି। କିନ୍ତୁ ଇଣ୍ଟେରିୟର କାମ ହୋଇ ନ ଥିଲା। ତେଣୁ ଏହାକୁ କାର୍ଯ୍ୟକ୍ଷମ କରିବା ଲାଗି ପର୍ଯ୍ୟଟନ ବିଭାଗ ଅଣ୍ଟା ଭିଡ଼ିଥିଲା। ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନ ସହଯୋଗରେ ଇଣ୍ଟେରିୟର କାମ ଆରମ୍ଭ ପାଇଁ ଗତବର୍ଷ ଫେବୃୟାରୀ ୫ ତାରିଖରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବୈଠକ ବସିଥିଲା। ୨୦୨୦ ଜାନୁୟାରୀ ସୁଦ୍ଧା ଏହି କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ଲାଗି ଯୋଜନା ପ୍ରସ୍ତୁତ ହୋଇଥିଲା। କେନ୍ଦ୍ରରେ ବିଶେଷକରି ମହାପ୍ରଭୁଙ୍କ ବିଭିନ୍ନ ବେଶ ପ୍ରଦର୍ଶନ ହେବ। ସେହିପରି ଶ୍ରୀମନ୍ଦିରର ନିର୍ମାଣ, ଇତିହାସ, ପରମ୍ପରା, ସେବା ପୂଜା, ରୀତିନୀତି, ପର୍ବପର୍ବାଣି, ରଥଯାତ୍ରା ଏବଂ ଅନ୍ୟାନ୍ୟ କଳା ସ୍ଥାପତ୍ୟ ପ୍ରଦର୍ଶନ ପାଇଁ ଯୋଜନା ରହିଛି। ଏଥିସହ ପୁରୀର ବିଭିନ୍ନ ଖାଦ୍ୟ, ପାରମ୍ପରିକ ସାହିଯାତ ସମ୍ପର୍କରେ ଯେପରି ପର୍ଯ୍ୟଟକ ଜାଣିପାରିବେ ତାହାର ବ୍ୟବସ୍ଥା କରାଯିବ। ଶ୍ରୀମନ୍ଦିରର ଏକ ଛୋଟ କଳାକୃତି କେନ୍ଦ୍ରର ଶୋଭା ବର୍ଦ୍ଧନ କରିବ। ଥ୍ରୀ ଡି ମାଧ୍ୟମରେ ଭକ୍ତମାନେ ମହାପ୍ରଭୁଙ୍କ ବିଷୟରେ ଅନେକ କିଛି ଦେଖିପାରିବେ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।



କଳାକୃତିରେ ଅନାବନା ଗଛଲତା ମାଡ଼ିଯାଇଛି।

ଏ ସବୁ କ୍ଷେତ୍ରରେ ଯେପରି ଭୁଲ୍ ଭଟକା ନ ରହିବ ସେଥିଲାଗି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ଗବେଷକଙ୍କୁ ନେଇ ୫ଜଣିଆ ସଦସ୍ୟ ବିଶିଷ୍ଟ ଏକ ସବ୍‌କମିଟି ଗଠନ ହୋଇଥିଲା। ଏହାର କାରୁକାର୍ଯ୍ୟ ତଥା ଇଣ୍ଟେରିୟର କାମ ଦିଲ୍ଲୀର ଏକ ସଂସ୍ଥା ନେଇଥିଲା। ସମ୍ପୃକ୍ତ ସଂସ୍ଥା କାମ ପାଇଁ ମାପଚୁପ କରିଥିଲା। ତେବେ କିଛି କାମ ପରେ ବନ୍ଦ ରହିଛି। ଗତବର୍ଷ ବ୍ୟାଖ୍ୟାନ କେନ୍ଦ୍ର ପାଚେରୀକୁ ଆକର୍ଷଣୀୟ ଭାବେ ସଜାଯାଇଥିଲା। ଐତିହ୍ୟ ଓ ପରମ୍ପରା ଉପରେ ଆଧାରିତ ପଥର ଖୋଦେଇ କଳାକୃତି ପାଚେରୀ କାନ୍ଥରେ ଲଗାଯାଇଥିଲା। ହେଲେ ଏଥିରେ ଗଛଲତା ମାଡ଼ି ଏହା ଲୁଚିଗଲାଣି। ଅନ୍ୟପକ୍ଷରେ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଅବଢା ଯୋଜନାରେ ପିଲିଗ୍ରିମ୍ ସେଣ୍ଟର ବା ତୀର୍ଥଯାତ୍ରୀ କେନ୍ଦ୍ର ତିଆରି କରାଯିବ। ଏଠାରେ ୧୦୦୦ କାର୍ ପାର୍କିଂ କରିପାରିବା ଭଳି ବହୁମୁଖୀ ପାର୍କିଂ, ଧ୍ୟାନକେନ୍ଦ୍ର ଆଦି ନିର୍ମାଣ ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଫଳରେ ବ୍ୟାଖ୍ୟାନ କେନ୍ଦ୍ର ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ଏ ସଂକ୍ରାନ୍ତରେ ଜିଲା ପର୍ଯ୍ୟଟନ ଅଧିକାରୀ ଶଶାଙ୍କ ରଥଙ୍କୁ ପଚାରିବାରେ କହିଛନ୍ତି, ମୁଁ ନୂଆକରି ଏଠାରେ ଯୋଗଦେଇଛି। ଉକ୍ତ ପ୍ରକଳ୍ପ ଅନ୍ୟତ୍ର ସ୍ଥାନାନ୍ତର ହେବ ବୋଲି ଶୁଣିଥିଲି, କିନ୍ତୁ ଏ ନେଇ ମୁଁ ସ୍ପଷ୍ଟ ନାହିଁ। ଫାଇଲ ଦେଖିବା ପରେ ଯାହା କିଛି କହିପାରିବି।

ଧରିତ୍ରୀ
DHARITRI
ମଙ୍ଗଳବାର, ଅଗଷ୍ଟ ୧୧, ୨୦୨୦

## ଟ୍ରକ୍ ଧକ୍କାରେ ୧୦ ଗୋରୁ ମୃତ

**ଖୋର୍ଦ୍ଧା ଅଫିସ:** ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ କୟଥମଲ୍ଲା ଛକରେ ରବିବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ଧକ୍କାରେ ୧୦ ଗୋରୁଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ଜାତୀୟ ରାଜପଥରେ ଏକାଧିକ ଗୋରୁ ଅତିକ୍ରମ କରୁଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଅଜଣା ମାଲବାହୀ ଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ କେତେକ ଗୋରୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଆଉ କେତେକ ରାସ୍ତା ପାର୍ଶ୍ୱରେ ଛିଟିକି ପଡ଼ିଥିଲେ। ଖବରପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।



## ସଂକ୍ଷେପରେ

### କାର୍ ଧକ୍କାରେ ଯୁବକ ମୃତ

ଅସ୍ତରଙ୍ଗ,୧୦।୮(ଡି.ଏନ୍.ଏ): ଅସ୍ତରଙ୍ଗ ସିନେମାହଲ ଛକରେ ସୋମବାର ସନ୍ଧ୍ୟାରେ ଏକ କାର୍ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଅସ୍ତରଙ୍ଗ ପଞ୍ଚାୟତର କୁହୁଡି ମୌଜାର ପ୍ରଶାନ୍ତ ନାୟକ(୪୦)। ସୂଚନା ମୁତାବକ, ସନ୍ଧ୍ୟା ପ୍ରାୟ ସାଢେ ୬ଟା ବେଳେ ପ୍ରଶାନ୍ତ ନିଜ ବାଇକ୍ ଯୋଗେ କୌଣସି କାମରେ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରେ ଦ୍ରୁତଗତିରେ (ନଂ.ଓଡି ୦୨ଏଚ ୧୧୮୫ବିଶିଷ୍ଟ) କାର୍ ଆସି ପ୍ରଶାନ୍ତକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସରେ ପ୍ରଥମେ ଚାରିଛକ ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଅସ୍ତରଙ୍ଗ ପୋଲିସ ଘଟଣାସ୍ଥଳରୁ ଦୁର୍ଘଟଣା ଘଟାଇଥିବା କାର୍ ଜବତ କରିବା ସମେତ ଚାଳକ ଓ ଅନ୍ୟ ଜଣକୁ ଆଣି ଥାନାରେ ଅଟକ ରଖିଛି। ପ୍ରଶାନ୍ତଙ୍କ ମୃତ୍ୟୁ ଖବର ଶୁଣି ଗ୍ରାମବାସୀ ଥାନା ଆଗରେ ନ୍ୟାୟ ପାଇଁ ଦାବି କରିଛନ୍ତି।

### ପୋଲିସ ଆଇଟିଆଇରେ ନାମଲେଖା ବନ୍ଦକୁ ଏବିଭିପିର ବିରୋଧ

କଟକ ଅଫିସ,୧୦।୮: କଟକ ତୁଳସୀପୁରସ୍ଥିତ ପୋଲିସ ଆଇଟିଆଇରେ ଚଳିତବର୍ଷ ନାମଲେଖା ପ୍ରକ୍ରିୟା ବନ୍ଦ ରହିବ। ରାଜ୍ୟ ସରକାର ପ୍ରତିଷ୍ଠାନକୁ ଅନୁଦାନ ରାଶି ଦେବା ପାଇଁ ମନା କରିବା ସହ ପ୍ରତିଷ୍ଠାନ ବନ୍ଦ କରିବା ଲାଗି କହିଥିବା ନେଇ ତାଲିମ ପ୍ରତିଷ୍ଠାନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଇଟିଆଇର ନିଜସ୍ୱ ଭିତ୍ତିଭୂମି ଥିବା ସତ୍ତ୍ୱେ ରାଜ୍ୟ ସରକାର ଏହାକୁ କାହିଁକି ବନ୍ଦ କରିବାକୁ ଚାହୁଁଛନ୍ତି ବୋଲି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପ୍ରଶ୍ନ କରିବା ସହ ଏଭଳି ନିଷ୍ପତ୍ତିକୁ ବିରୋଧ କରିଛି। ରାଜ୍ୟର ବିଭିନ୍ନ ଅଞ୍ଚଳର ବିଦ୍ୟାର୍ଥୀଙ୍କୁ ଯାନ୍ତ୍ରିକ ଶିକ୍ଷା ଦେବାରେ ପୋଲିସ ଆଇଟିଆଇର ସୁନାମ ରହିଛି। ତେଣୁ ଏହାକୁ ସମ୍ପୂର୍ଣ୍ଣ ବନ୍ଦ ନ କରି ରାଜ୍ୟ ସରକାର ଏହାର ସୁପରିଚାଳନା ପାଇଁ ଆବଶ୍ୟକ ବ୍ୟବସ୍ଥା କରନ୍ତୁ ବୋଲି ଏବିଭିପି ଦାବି କରିଛି।

### ବିଧାୟକଙ୍କ ଆଧାରକେନ୍ଦ୍ର ପରିଦର୍ଶନ

ଚୌଦ୍ୱାର,୧୦।୮(ଡି.ଏନ୍.ଏ.): ଚୌଦ୍ୱାର ପୌର ପାଠାଗାରରେ ଚାଲିଥିବା ଆଧାର କେନ୍ଦ୍ର ବିଧାୟକ ସୌଭିକ ବିଶ୍ୱାଳ ପରିଦର୍ଶନ କରିବା ସହ ଏହାର କାର୍ଯ୍ୟଧାରା ଓ ଜନସେବାର ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି କେନ୍ଦ୍ରରେ ପୂର୍ବରୁ କେବଳ ଆଧାର କାର୍ଡର ତ୍ରୁଟି ସଂଶୋଧନ କରାଯାଉଥିଲା। ଏବେ କାର୍ଯ୍ୟକାରୀ ହୋଇଥିବା ଅନ୍‌ଲାଇନ୍‌ରେ ନୂତନ ନାମ ପଞ୍ଜୀକରଣ ବ୍ୟବସ୍ଥାକୁ ଅନୁଶୀଳନ କରିଥିଲେ। ଜନସାଧାରଣଙ୍କ ଆଧାର କାର୍ଡ ସମ୍ପର୍କିତ ସମସ୍ତ ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ କର୍ମଚାରୀଙ୍କୁ ବିଧାୟକ ବିଶ୍ୱାଳ ପରାମର୍ଶ ଦେଇଥିଲେ।

### ମଦଭାଟିରେ ଚଢ଼ାଉ, ୪ ଗିରଫ

ସାକ୍ଷୀଗୋପାଳ,୧୦।୮(ଡି.ଏନ୍.ଏ): ପୁରୀ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ସୋମବାର ସତ୍ୟବାଦୀ ଥାନା ଅଧୀନ ଷୋଳହଳ ଗ୍ରାମରେ ଥିବା ଦେଶୀମଦ ଭାଟି ଉପରେ ଚଢ଼ାଉ କରିଛନ୍ତି। ପ୍ରାୟ ୨ ହଜାର ଲିଟର ରନ୍ଧା ଦେଶୀ ମଦ ଓ ମଦ ରନ୍ଧା ସାମଗ୍ରୀ ପୋଲିସ ଜବତ କରିଛି। ମଦ ଚୋରା କାରବାରରେ ସମ୍ପୃକ୍ତ କୁନି ବେହେରା, ତପନ ପହଣ୍ଡା, ଲକ୍ଷ୍ମୀଧର ବେହେରା ଓ ଦୁର୍ଯ୍ୟୋଧନ ବେହେରାଙ୍କୁ ପୋଲିସ ଗିରଫ କରିଥିବା ଜଣାପଡିଛି।

### ସ୍ୱାମୀ ବିବେକାନନ୍ଦ ଯୁବ ସଂସଦର ପାଠଚକ୍ର

କଟକ ଅଫିସ,୧୦।୮: ସ୍ୱାମୀ ବିବେକାନନ୍ଦ ଯୁବ ସଂସଦ ପକ୍ଷରୁ ଅନ୍‌ଲାଇନ୍ ପାଠଚକ୍ର ଅନୁଷ୍ଠିତ ହୋଇଛି। 'ମହାମାରୀ : ସୁଯୋଗ ଏବଂ ସମ୍ଭାବନା' ଶୀର୍ଷକ ଆଲୋଚନାରେ ମୁଖ୍ୟବକ୍ତା ଭାବେ ବେଙ୍ଗାଲୁରୁ ସ୍ଥିତ ଏଭେଣ୍ଡସ କ୍ୟାପିଟାଲ କାର୍ଯ୍ୟକାରୀ ନିର୍ଦ୍ଦେଶକ ଅମିତ ସିଂହ ଯୋଗଦେଇ ମହାମାରୀ ପରିବର୍ତ୍ତିତ ପରିସ୍ଥିତିରେ ବୈଶ୍ୱିକ ସମସ୍ୟା ଓ ସେଥିରେ ଭାରତ ପାଇଁ ଥିବା ବିଭିନ୍ନ ସୁଯୋଗ ଉପରେ ଆଲୋକପାତ କରିଥିଲେ। ଯୁବ ସମ୍ପ୍ରଦାୟ, ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ସଠିକ ଉପଯୋଗ କରି ଇ-ଶିକ୍ଷା ଓ ସ୍ୱାସ୍ଥ୍ୟ ପର୍ଯ୍ୟଟନକୁ କିଭଳି ମୋଟ ଘରୋଇ ଉତ୍ପାଦ ବୃଦ୍ଧି କ୍ଷେତ୍ରରେ ବ୍ୟବହାର କରାଯାଇପାରିବ, ତାହା କହିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ମୁଖ୍ୟ ଡ. ଧର୍ମବ୍ରତ ମହାପାତ୍ର କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଅଭିପ୍ସା ମିଶ୍ର ସରସ୍ୱତୀଙ୍କ ବନ୍ଦନା ପାଠ, ବିବେକାନନ୍ଦ ସ୍ୱୟଂଶ୍ରୀ ବାରିକ କାର୍ଯ୍ୟକ୍ରମ ସଂଯୋଜନା, ଲିଟୁ ସେଠି ସଭା ପରିଚାଳନା ଓ ଶେଷରେ ସଂସଦର ପଶ୍ଚିମ ଓଡିଶା ଜୋନ୍ ସଂଯୋଜକ ଡ. ଅରୋ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଡ. ଚିତ୍ତରଞ୍ଜନ ନାୟକ ପରବର୍ତ୍ତୀ କାର୍ଯ୍ୟକ୍ରମ ସୂଚନା ରଖିଥିଲେ।

# ରୋଗୀଙ୍କୁ ଚିନ୍ତା କୋଭିଡ୍ ରିପୋର୍ଟରେ ବିଳମ୍ବ

କଟକ ଅଫିସ,୧୦।୮

## ଆଇସୋଲେଶନ, କାଜୁଆଲ୍‌ଟି ରୋଗୀଙ୍କୁ ଟେଷ୍ଟ ରିପୋର୍ଟ ଡେରିରେ ମିଳୁଛି

ହସ୍ପିଟାଲରେ ରୋଗୀ ଭର୍ତ୍ତି ହେବା ପାଇଁ ଥିବା ମାର୍ଗଦର୍ଶିକାକୁ ଉଭୟ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ମାନିବାକୁ ପ୍ରସ୍ତୁତ। କିନ୍ତୁ ରିପୋର୍ଟ ମିଳିବାରେ ବିଳମ୍ବ ଯୋଗୁ ଏହା ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଫଳରେ ଉଭୟ ସନ୍ଦିଗ୍ଧ ଓ ଆକ୍ରାନ୍ତଙ୍କୁ ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ମିଳିପାରୁ ନାହିଁ। ଏହି କାରଣରୁ ଅତୀତରେ ଅନେକ ରୋଗୀଙ୍କ ମୃତ୍ୟୁ ଘଟିଛି। ଏହା ବ୍ୟତୀତ କେତେଜଣ ରୋଗୀ ମଧ୍ୟ ଅକାରଣରେ ସଙ୍କଟାପନ୍ନ ଅବସ୍ଥାକୁ ଚାଲିଯାଉଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ ୨୩ ତାରିଖରେ କନ୍ଦରପୁର ଅଞ୍ଚଳର ଦୀପକ ରଞ୍ଜନ ପରିଡ଼ା ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ସେ ଜଣେ ପୁରୁଣା ଶ୍ୱାସରୋଗୀ। ସେହିଦିନ ହିଁ ତାଙ୍କ ସ୍ୱାବ୍ କୋଭିଡ୍ ଟେଷ୍ଟ ପାଇଁ ପଠାଯାଇଥିଲା। ଟେଷ୍ଟ ରିପୋର୍ଟ ୩ ଦିନ ପରେ ଯେତେବେଳେ ଆସିଲା, ସେତେବେଳକୁ ଉକ୍ତ ରୋଗୀଙ୍କ ଚିକିତ୍ସା ନ ପାଇ ମୃତ୍ୟୁ ହୋଇସାରିଥିଲା। ମୃତ୍ୟୁର କାରଣ ବିଳମ୍ବ କୋଭିଡ୍ ରିପୋର୍ଟ ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏହିଭଳି ଅନେକ ରୋଗୀଙ୍କ ଚିକିତ୍ସାରେ ବିଳମ୍ବ ଓ ମୃତ୍ୟୁର କାରଣ ପାଲଟିଛି ବିଳମ୍ବିତ କୋଭିଡ୍ ରିପୋର୍ଟ। କାଜୁଆଲିଟି ଓ ଆଇସୋଲେଶନ ୱାର୍ଡରେ ଥିବା ରୋଗୀଙ୍କ କୋଭିଡ ରିପୋର୍ଟକୁ ସ୍ୱତନ୍ତ୍ର ବ୍ୟବସ୍ଥା କ୍ରମେ ତୁରନ୍ତ ଦିଆଯାଇ ପାରିଲେ ଅନେକ ଜୀବନ ରକ୍ଷା କରାଯାଇ ପାରନ୍ତା ବୋଲି ଏବେ କେତେଜଣ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି। ଏ ନେଇ ଏସ୍‌ସିବି ଭାରପ୍ରାପ୍ତ ଅଧୀକ୍ଷକ ଡା. ପ୍ରଶାନ୍ତ ନନ୍ଦ କହିଛନ୍ତି ଯେ, ସେମାନେ ମଧ୍ୟ ଅନେକ ଅଭିଯୋଗ ପାଇଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ସୋମବାର କୋଭିଡ୍ ସମ୍ବନ୍ଧୀୟ ସମସ୍ତ ଆଲୋଚନା ସରିଛି। ମଙ୍ଗଳବାର ଚୂଡ଼ାନ୍ତ ଚିଠା ଅନୁମୋଦନ ହେବ ଏବଂ କାଜୁଆଲିଟି ଓ ଆଇସୋଲେଶନ ୱାର୍ଡରେ ଥିବା ରୋଗୀଙ୍କୁ ଜରୁରୀ ଭିତ୍ତିରେ କୋଭିଡ୍ ରିପୋର୍ଟ ଦିଆଯିବ।



ଜନ୍ମାଷ୍ଟମୀ ଉପଲକ୍ଷେ କଟକ ବଜ୍ରକବାଟି କେନାଲରୋଡ ଅଞ୍ଚଳର ଏକ ଦୋକାନରେ ଜଣେ ବ୍ୟବସାୟୀ ରାଧାକୃଷ୍ଣ ମୂର୍ତ୍ତିଗୁଡିକୁ ସଜାଇ ରଖୁଛନ୍ତି ।

# ଖୋର୍ଦ୍ଧା: ୧୧୪ ପଜିଟିଭ୍ ଚିହ୍ନଟ

ଖୋର୍ଦ୍ଧା ଅଫିସ,୧୦।୮:

ଖୋର୍ଦ୍ଧା ଜିଲା (ବିଏମ୍‌ସିକୁ ବାଦ୍ ଦେଇ)ରେ ସୋମବାର ୧୧୪ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହା ସହ ୬୦ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ଜିଲାପାଳ ସନତ୍ କୁମାର ମହାନ୍ତି ଟୁଇଟ୍ କରି ଜଣାଇଛନ୍ତି। ଚିହ୍ନଟଙ୍କ ମଧ୍ୟରେ ବାଣପୁର ୨୬, ବାଲୁଗାଁ ୩୮, ଟାଙ୍ଗୀ ୧୦, ବୋଲଗଡ଼ ୯, ଜଟଣୀ ୧୯, ମେଣ୍ଢାଶାଳ ୭, ବାଲକାଟୀ ୪ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଜଣେ ରହିଛନ୍ତି। ଅନ୍ୟପଟେ ଜିଲାରୁ ୯୫୫ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି। ସେଥିରୁ ୮୪୯ଜଣଙ୍କ ରାପିଡ୍ ଆଣ୍ଟିଜେନ ଟେଷ୍ଟ କରାଯାଇଛି। ସଂଗୃହିତ ନମୁନା ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ୧୨୮, ବାଣପୁର ୩୭, ବାଲକାଟୀ ୬୬, ଟାଙ୍ଗୀ ୯୨, ବୋଲଗଡ଼ ୪୫, ବେଗୁନିଆ ୫୦, ମେଣ୍ଢାଶାଳ ୧୨୭, ବାଲିପାଟଣା ୧୧୨, ବାଲୁଗାଁ ୯୮, ହଳଦିଆ ୧୪ ଏବଂ ଜଟଣୀରୁ ୧୮୬ଜଣ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ପୁରୀରୁ ୨୬ କରୋନା ଆକ୍ରାନ୍ତ ଚିହ୍ନଟ

ପୁରୀ ଅଫିସ,୧୦।୯: ପୁରୀ ଜିଲାରୁ ସୋମବାର ୨୬ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୧,୨୯୯ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୭୪୮ ଜଣ ସୁସ୍ଥ ହୋଇଥିବା ବେଳେ ୫୪୪ ଜଣ ଚିକିତ୍ସିତ ହେଉଛନ୍ତି। ତେବେ ଜିଲାର ନୂଆ ୨୬ ଆକ୍ରାନ୍ତଙ୍କ ମଧ୍ୟରେ ପୁରୀ ପୌରାଞ୍ଚଳରୁ ୧୪ ଓ ବିଭିନ୍ନ ବ୍ଲକରୁ ୧୨ ଜଣ ପଜିଟିଭ ବାହାରିଛନ୍ତି। ପୁରୀ ପୌରାଞ୍ଚଳର ୧୫ ନଂ. ୱାର୍ଡରୁ ୩ଜଣ, ୩୧ ଓ ୧୬ ନଂ.ରୁ ୨ଜଣ ଲେଖାଏ, ୪, ୬, ୧୧, ୧୯, ୨୪, ୨୫, ୨୭ ନଂ.ୱାର୍ଡରୁ ଜଣେ ଲେଖାଏ ଆକ୍ରାନ୍ତ ବାହାରିଛନ୍ତି। ସେହିପରି କୃଷ୍ଣପ୍ରସାଦ ବ୍ଲକରୁ ୩, ନିମାପଡ଼ା, କାକଟପୁର ଓ ଗୋପ ବ୍ଲକରୁ ୨ ଜଣ ଲେଖାଏ, ପୁରୀ ସଦର, ସତ୍ୟବାଦୀ ଓ ପିପିଲି ବ୍ଲକରୁ ଜଣେ ଲେଖାଏ ରହିଛନ୍ତି।

# 'ମହିଳାଙ୍କୁ ବେଶି ପ୍ରଭାବିତ କରିଛି ମହାମାରୀ'

କଟକ ଅଫିସ,୧୦।୮

## ରେଭେନ୍‌ଶାରେ ୱେବିନାର

କରୋନା ମହାମାରୀ ସମୟରେ ମହିଳାମାନେ ପୁରୁଷଙ୍କଠାରୁ ଅଧିକ ମାତ୍ରାରେ ପ୍ରଭାବିତ। ରୋଜଗାର, ବାଳିକା ଶିକ୍ଷା, ପ୍ରଜନନ, ଚିକିତ୍ସା, ଜଳ, ପରିମଳ ଓ ଘରୋଇ ହିଂସା ଭଳି ଅନେକ କ୍ଷେତ୍ରରେ ମହିଳାମାନେ ପ୍ରଭାବିତ ହୋଇଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ମହିଳା ଅଧ୍ୟୟନ କେନ୍ଦ୍ର ପକ୍ଷରୁ ଆୟୋଜିତ ୱେବିନାରରେ ଅତିଥିମାନେ ଏଭଳି ମତ ରଖିଛନ୍ତି।

'ଲିଙ୍ଗଗତ ଦୃଷ୍ଟିକୋଣରୁ କରୋନା ମହାମାରୀ ପ୍ରଭାବର ମୂଲ୍ୟାଙ୍କନ' ଶୀର୍ଷକ ଆଲୋଚନାରେ ବକ୍ତା ଭାବେ ନୂଆଦିଲ୍ଲୀସ୍ଥିତ ମହିଳା ବିକାଶ ଅଧ୍ୟୟନ କେନ୍ଦ୍ର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ମେରି ଜନ୍ ଯୋଗଦେଇ ସରକାରଙ୍କ ଦ୍ୱାରା ନୀତିଗତ ପଦକ୍ଷେପ ଓ କାର୍ଯ୍ୟ ଯୋଜନାରେ ଲିଙ୍ଗଗତ ଚିନ୍ତାଧାରାକୁ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ମହିଳା ଅଧ୍ୟୟନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଆଶା ହଂସ, ପ୍ରଫେସର ଈଶିତା ମୁଖୋପାଧ୍ୟାୟ, ପ୍ରଫେସର ବିଭୂତି ପଟେଲ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର, ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ଡ. ବିକ୍ରମ କେଶରୀ ମିଶ୍ର, ପ୍ରଫେସର ଅସୀମା ସାହୁ ଉପସ୍ଥିତ ଥିଲେ।



ମୁଣ୍ଡଳି ବ୍ୟାରେଜ ନିକଟରେ ବୁଲୁଥିବା ଦନ୍ତାହାତୀ ।

# ମୁଣ୍ଡଳି ବ୍ୟାରେଜ ନିକଟରେ ଦନ୍ତା: ଲୋକେ ଭୟଭୀତ

ନରାଜ,୧୦।୮(ଡି.ଏନ୍.ଏ.)

କଟକ ଜିଲା ବାରଙ୍ଗ ବ୍ଲକ ଅନ୍ତର୍ଗତ ମୁଣ୍ଡଳି ବ୍ୟାରେଜ ନିକଟରେ ସୋମବାର ଏକ ଦନ୍ତାହାତୀ ବୁଲୁଥିବା ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଥିଲେ। ଏନେଇ ଡମପଡ଼ା ବନ ବିଭାଗରେ ଖବର ଦିଆଯାଇଥିଲା। ବନ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ହାତୀକୁ ଘଉଡାଇ ଚନ୍ଦକା ଜଙ୍ଗଲ ମଧ୍ୟକୁ ପ୍ରବେଶ କରାଇଛନ୍ତି। ଉକ୍ତ ହାତିଟି ଆଠଗଡ ଜଙ୍ଗଲରୁ ରବିବାର ରାତିରେ ମହାନଦୀ ପାରହୋଇ ଏଠାକୁ ଆସିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

# ସହରରୁ ୬୮ ଆକ୍ରାନ୍ତ ଚିହ୍ନଟ

କଟକ ଅଫିସ,୧୦।୮

## ଏସ୍‌ସିବିରୁ ୨ ଡାକ୍ତର, ନର୍ସ ପଜିଟିଭ

କଟକ ଜିଲାରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ସୋମବାର ଜିଲାରୁ ଆଉ ୭୯ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିରୁ ସହରରୁ ୬୮ ଜଣ ଆକ୍ରାନ୍ତ ରହିଛନ୍ତି। ମାଲଗୋଦାମ ଅଞ୍ଚଳ ଏବେ ସଂକ୍ରମଣରୁ ମୁଖ୍ୟ କେନ୍ଦ୍ର ପାଲଟିଛି। ଉକ୍ତ ଅଞ୍ଚଳର ଜାଲୁଆ ସାହିରୁ ୨୪ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିରୁ ଅଧିକାଂଶ ମହିଳା ଥିବା ଜଣାପଡ଼ିଛି। ସୂତାହାଟ ଓ ହରିପୁର ଅଞ୍ଚଳରୁ ୯ ଜଣ ଲେଖାଏ, ନିମସାହି ଓ କାଠଗଡ଼ା ସାହି ଅଞ୍ଚଳର ୨ ଜଣ ଲେଖାଏ ପଜିଟିଭ ବାହାରଛନ୍ତି। ଗ୍ରାମାଞ୍ଚଳରେ ବାଙ୍କୀରୁ ୬, ତିଗିରିଆରୁ ୨, ଡମପଡ଼ା, କଣ୍ଟାପଡ଼ା ଓ ସାଲେପୁରରୁ ଜଣେ ଲେଖାଏ ପଜିଟିଭ ବାହାରିଛନ୍ତି। ଅନ୍ୟପକ୍ଷରେ ଏସ୍‌ସିବିରୁ ସୋମବାର ଚର୍ମରୋଗ ବିଭାଗର ଜଣେ ପିଜି ଦ୍ୱିତୀୟ ବର୍ଷ ଡାକ୍ତରୀ ଛାତ୍ରୀଙ୍କ ରିପୋର୍ଟ ପଜିଟିଭ ଆସିଛି। ଦୁଇଦିନ ତଳେ ସେ ନିଜ ଘର ଖୋର୍ଦ୍ଧାରୁ ଫେରିଥିବା ବେଳେ ବିଭାଗର ବହୁ ଷ୍ଟାଫଙ୍କ ସହ ମିଶିଛନ୍ତି। ବିଭାଗ ପକ୍ଷରୁ ୬ଜଣଙ୍କୁ କ୍ୱାରାଣ୍ଟାଇନରେ ପଠାଯାଇଛି। ସେହିପରି ନେଫ୍ରୋଲୋଜି ବିଭାଗର ୨୫ ଜଣଙ୍କ ସ୍ୱାବ୍ ଟେଷ୍ଟରୁ ଜଣେ ସେବିକାଙ୍କ ରିପୋର୍ଟ ପଜିଟିଭ ବାହାରିଛି। କ୍ୟାନସର ହସ୍ପିଟାଲରୁ ଅନ୍ୟ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ସିପିଆଇ(ଏମ)ର ପ୍ରତିବାଦ ସଭା

ନିରାକାରପୁର,୧୦।୮(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ଗେଟ୍ ବଜାରଠାରେ ସୋମବାର ସିପିଆଇ (ଏମ) ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିବାଦ ସଭାରେ କେନ୍ଦ୍ର ସରକାରଙ୍କ ସାଧାରଣ ଲୋକଙ୍କ ପ୍ରତି ମାରଣ ନୀତିକୁ ବିରୋଧ କରାଯାଇଥିଲା। ସିପିଆଇ(ଏମ)ର ଯୁବନେତା ବିଧୁ ଭୂଷଣ ମହାରଣା, ବରିଷ୍ଠ ନେତା ଚରଣ ଦଳେଇ ଓ ନୃସିଂହ ଦଳେଇଙ୍କ ସମେତ ବହୁ କର୍ମୀ ଏହି ସଭାରେ ଉପସ୍ଥିତ ଥିଲେ।

## ୧୨ ଦଫା ଦାବିରେ ବିକ୍ଷୋଭ

ଚୌଦ୍ୱାର,୧୦।୮(ଡି.ଏନ୍.ଏ.): ୧୨ ଦଫା ଦାବିରେ ସୋମବାର ସିପିଆଇ(ଏମ) କର୍ମୀମାନେ ଚୌଦ୍ୱାର ପୌରପାଳିକା ସମ୍ମୁଖରେ ପ୍ରତିବାଦ ସଭା କରିବା ସହ ବିକ୍ଷୋଭ କରିଥିଲେ। ଏହି ପ୍ରତିବାଦ ସଭାରେ ବରିଷ୍ଠ ନେତା ଦୀନବନ୍ଧୁ ଗାହାଣ, ଜୟ ସିଂ, ଶ୍ରମିକ ନେତା ବିପିନ ବିହାରୀ ସାହୁ ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟଧାରାକୁ ସମାଲୋଚନା କରିଥିଲେ। ଭାରତର ନାଗରିକଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ କ୍ରାନ୍ତି ଦିବସକୁ ଭାରତ ବଞ୍ଚାଅ ଦିବସଭାବେ ପାଳନ କରାଯାଉଛି ବୋଲି କହିଥିଲେ। ରମେଶ ନାୟକ, କ୍ଷୀରୋଦ ସ୍ୱାଇଁ, ଦାମୋଦର ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଡ୍ରେନ୍ ପୁନରୁଦ୍ଧାର ପାଇଁ ଦାବି

ବାଲିପାଟଣା,୧୦।୮(ଡି.ଏନ୍.ଏ.):

ବାଲିପାଟଣା ବ୍ଲକ ଅଞ୍ଚଳର ୨, ୩ ଓ ୫ନଂ. ଡ୍ରେନେଜର ପୁନରୁଦ୍ଧାର କରାନଯିବାରୁ ଦଳ ଭର୍ତ୍ତି ହୋଇ ରହିଛି। ଯାହା ଫଳରେ ଗହିରରୁ ପାଣି ନିଷ୍କାସନ ନ ହୋଇପାରିବାରୁ ଧାନ ଫସଲ ନଷ୍ଟ ହେବାକୁ ବସିଲାଣି। ପ୍ରକାଶ ଯେ, ଭିଙ୍ଗାରପୁର, ସଠିଲୋ, ରଢ଼ପଡ଼ା, ଗଣ୍ଡିଲୋ, ଖମଙ୍ଗ, ସୁଧଷଢ଼ଙ୍ଗୀ, କିଆଯୋରୀ ଓ ବିଶ୍ୱନାଥପୁର ଏହି ଡ୍ରେନଜ ଦେଇ ଗହିର ପାଣି ନିଷ୍କାସିତ ହୋଇଥାଏ। ଲଘୁଚାପ ବର୍ଷା ଯୋଗୁ ୫ଦିନ ହେବ ପାଣି ଚମ୍ପିଆପାଠ ଓ ଗୋଠଗହିରରେ ପାଣି ଜମି ରହିଛି। ଏହି ଡ୍ରେନେଜଗୁଡିକରେ ଜମି ରହିଥିବା ଘାସ ଓ ଦଳ ସଫା କରା ନ ଗଲେ ଶହ ଶହ ହେକ୍ଟର ଧାନ ଫସଲ ଉଜୁଡିଯିବ। ଏହା ସହିତ ଜଳ ନିଷ୍କାସନ ନ ହେବାରୁ ଅଧିକ ବର୍ଷା ହେଲେ ଅନେକ ତଳିଆ ଗ୍ରାମରେ ପାଣି ପଶିବାର ଆଶଙ୍କା ରହିଛି। ଏଥିପ୍ରତି ଡ୍ରେନେଜ ବିଭାଗର ଅଧିକାରୀ ଦୃଷ୍ଟି ଦେବାକୁ ଚାଷୀ ତ୍ରିଲୋଚନ ସ୍ୱାଇଁଙ୍କ ସମେତ ବହୁ ଚାଷୀ ନିବେଦନ କରିଛନ୍ତି।

# ୫ମାସ ପରେ ଆରମ୍ଭ ହେଲା 'ଏକାମ୍ର' ଯୋଜନା ବିକାଶ କାର୍ଯ୍ୟ

ଭୁବନେଶ୍ୱର, ୧୦।୮ (ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର (ଡି.ଏନ୍.ଏ.)

ପାଖାପାଖି ୫ ମାସ ପରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପାରିପାର୍ଶ୍ୱିକ ବିକାଶ ଯୋଜନା 'ଏକାମ୍ର'ର କାର୍ଯ୍ୟ ପୁନଃ ଆରମ୍ଭ ହୋଇଛି। ଏଥିପାଇଁ ସୋମବାର ପ୍ରଥମ ଦିନରେ ୬ଜଣଙ୍କ ଜମିରୁ ଜବରଦଖଲ ହଟାଇ ଦିଆଯାଇଛି। ବିଏମ୍‌ସି, ବିଡିଏ, କମିଶନରେଟ ପୋଲିସ୍‌ର ମିଳିତ ଟିମ୍ ପକ୍ଷରୁ ଏହି ଉଚ୍ଛେଦ କରାଯାଇଛି। ଏଯାବତ୍ ଶ୍ରୀଲିଙ୍ଗରାଜଙ୍କ ପାରିପାର୍ଶ୍ୱିକ ବିକାଶ ଯୋଜନା ପାଇଁ ୮୫ ଜଣଙ୍କ ଜମି ଅଧିଗ୍ରହଣ କରିବାକୁ ବିଏମ୍‌ସି ଚୁକ୍ତି ସ୍ୱାକ୍ଷରିତ କରିଥିବାବେଳେ ଇତିମଧ୍ୟରେ ୩୬ଜଣଙ୍କ ଘର ଭଙ୍ଗାଯାଇଛି। ଆଗକୁ ଏହି ବିକାଶ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରାଯିବ। ବିନ୍ଦୁସାଗରର ପୁନରୁଦ୍ଧାର, ଏକାମ୍ର ହେରିଟେଜ୍ ପ୍ଲାଜା, ଇ-ଅଟୋ, ରାସ୍ତା ମରାମତି ଓ ନବୀକରଣ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯିବ ବୋଲି ବିଏମ୍‌ସିର ଡେପୁଟି କମିଶନର କମଳଜିତ୍ ଦାସ କହିଛନ୍ତି।

# ପୂର୍ବତନ ବିଜେଡି ଜିଲା ପରିଷଦ ସଭ୍ୟଙ୍କୁ ମରଣାନ୍ତକ ଆକ୍ରମଣ

ନିଶ୍ଚିନ୍ତକୋଇଲି,୧୦।୮(ସ୍ୱ.ପ୍ର.)

## ମଳିପୁର ଗାଁରେ ପୋଲିସ ମୁତୟନ

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ କେଣ୍ଟାଳ ପଞ୍ଚାୟତର ପୂର୍ବତନ ବିଜେଡ଼ି ଜିଲା ପରିଷଦ ସଭ୍ୟ ପ୍ରକାଶଚନ୍ଦ୍ର ସାହୁଙ୍କୁ କେଳସାଇ ପୋଲ ନିକଟରେ ରବିବାର ରାତିରେ ମରଣାନ୍ତକ ଆକ୍ରମଣ ହୋଇଛି। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ଘଟଣାର ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଆକ୍ରମଣକାରୀ ଧରାପଡ଼ିନାହାନ୍ତି। ଏନେଇ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗକୁ ଅପେକ୍ଷା କରିଛି ବୋଲି ପୋଲିସ କହିଛି। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ମଳିପୁର ଗ୍ରାମରେ ପୋଲିସ ମୁତୟନ କରାଯାଇଛି ବୋଲି ଥାନା ଅଧିକାରୀ ଶୁଭ୍ରାଂଶୁ ପରିଡା କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ,ପ୍ରକାଶଚନ୍ଦ୍ର ମଳିପୁର ରଘୁନାଥ ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ଅଛନ୍ତି। ରବିବାର ରାତିରେ ମନ୍ଦିରରୁ କାମ ସାରି ସ୍କୁଟିରେ ଫେରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ।

# ଛଟେଇ କର୍ମଚାରୀଙ୍କୁ ନିଯୁକ୍ତି ଦାବି

ପୁରୀ ଅଫିସ,୧୦।୮:

## ଜିଲାପାଳଙ୍କୁ ସ୍ମାରକପତ୍ର

ପୁରୀ ବିଦ୍ୟୁତ୍ ଡିଭିଜନରେ ଶତାଧିକ ସେସୁ ମିଟର ରିଡିଂ ଓ ବିଲ୍ କଲେକ୍ସନ କର୍ମଚାରୀ ବିଭିନ୍ନ ଘରୋଇ କମ୍ପାନୀ ମାଧ୍ୟମରେ କାମ କରିଆସୁଛନ୍ତି। ମାତ୍ର ଏହି କମ୍ପାନୀଗୁଡ଼ିକ କର୍ମଚାରୀଙ୍କୁ ଶୋଷଣ କରୁଛନ୍ତି ବୋଲି ସେସୁ ମିଟର ରିଡିଂ ଓ ବିଲ୍ କଲେକ୍ସନ କର୍ମଚାରୀ ସଂଘ ଅଭିଯୋଗ ଆଣିଛି। ଏ ନେଇ ସଂଘ ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ, ସେସୁ ବିକ୍ରି ହେବା ପରେ ସମସ୍ତ ଛଟେଇ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇନାହିଁ। କିନ୍ତୁ ୮୦ରୁ ଊର୍ଦ୍ଧ୍ୱ ବାହାର ଲୋକଙ୍କୁ ନିଯୁକ୍ତି ମିଳିଛି। ସେହିପରି କର୍ମଚାରୀଙ୍କ ଦରମା, ଇପିଏଫ୍ ଟଙ୍କା ଆଦି ନ ଦେଇ କେତେକ କମ୍ପାନୀ ଗତ ଜୁନ୍ ୩୦ରୁ ଚାଲିଯାଇଛନ୍ତି। ଫଳରେ କର୍ମଚାରୀମାନେ ହଇରାଣ ହେଉଛନ୍ତି। ଫନୀ ବାତ୍ୟା ସମୟରେ ବିଦ୍ୟୁତ୍ କର୍ମଚାରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ଦୈନିକ ମଜୁରି ବାବଦ ୫୫୫ ଟଙ୍କା ଓ ଖାଦ୍ୟପେୟ ନିମନ୍ତେ ୧୫୦ ଟଙ୍କା ଏବଂ ଓଭର ଟାଇମ୍ ଟଙ୍କା ମିଳି ନାହିଁ। ଦୁଇଟି ସଂସ୍ଥା ସାକ୍ଷୀଗୋପାଳ ଓ ବ୍ରହ୍ମଗିରିରେ ଶତାଧିକ ବିଦ୍ୟୁତ୍ କର୍ମଚାରୀଙ୍କଠାରୁ ଜମାରାଶି ବାବଦ ୧୦ ହଜାର ଟଙ୍କା ଲେଖାଏ ନେଇଥିଲା। ସେହି ଟଙ୍କା ଏବଂ ୫ ମାସର ଦରମା ନ ଦେଇ ଛାଡ଼ି ଚାଲିଯାଇଛନ୍ତି। ତେଣୁ କର୍ମଚାରୀଙ୍କୁ ନିଯୁକ୍ତି ଓ ବକେୟା ଟଙ୍କା ଦେବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ସଂଘ ଗୁହାରି ଜଣାଇଛି। ସଂଘ ଉପସଭାପତି ଶ୍ରୀକାନ୍ତ ପରିଜା, ସାଧାରଣ ସମ୍ପାଦକ ନୃସିଂହ ଚରଣ ଦାସ, ଏସ୍. କେ. ଆଜାଦ୍, ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ।

# ପାଠପଢ଼ା, ଚିକିତ୍ସା ଖର୍ଚ୍ଚ ତୁଲାଇବ ସ୍କୁଲ

କଟକ ଅଫିସ,୧୦।୮

## ଅଭାବ, ଅସୁସ୍ଥତାରେ ଥିବା ନସରିନଙ୍କ ପାଇଁ ଭବିଷ୍ୟତର ବାଟ ଖୋଲିଲା

ବାର ବର୍ଷର ନସରିନ୍ ବେଗମ କଟକସ୍ଥିତ ମହାମାୟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀର ଛାତ୍ରୀ। ଏ ଅଳ୍ପ ବୟସରୁ ସେ ଜଣ୍ଡିସ ଓ ମଧୁମେହ ରୋଗରେ ପୀଡ଼ିତ। ଚିକିତ୍ସା ପାଇଁ ଘରେ ଯଥେଷ୍ଟ ସମ୍ବଳ ନାହିଁ। ପରିବାର ଲୋକେ ଯେତେ ଚେଷ୍ଟା କଲେ ମଧ୍ୟ ଚିକିତ୍ସା ଖର୍ଚ୍ଚ ଯୋଗାଡ଼ କରିହୁଏ ନାହିଁ। ଫଳରେ ନସରିନଙ୍କ ଭବିଷ୍ୟତକୁ ନେଇ ଚିନ୍ତା ବଢ଼ିଥିଲା। ଏଭଳି ପରିସ୍ଥିତିରେ ସ୍କୁଲର ଶିକ୍ଷକମାନେ ସହଯୋଗର ହାତ ବଢ଼ାଇଛନ୍ତି। ନସରିନ୍‌ଙ୍କ ପାଠପଢ଼ା ଓ ଚିକିତ୍ସା ଖର୍ଚ୍ଚ ବହନ କରିବା ଲାଗି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି।

ନସରିନ୍ ଗତ ୨୫ ତାରିଖରେ ଶିଶୁ ଭବନରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ପରିବାରର ଆର୍ଥିକ ସ୍ଥିତି ସମ୍ପର୍କରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମିଶ୍ର ଜାଣିବା ପରେ ସ୍କୁଲ ପକ୍ଷରୁ ତାଙ୍କ ଚିକିତ୍ସା ଓ ପଢ଼ା ଖର୍ଚ୍ଚ ବହନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ତାଙ୍କ ପରାମର୍ଶ କ୍ରମେ ଶିକ୍ଷକ ମାନସ ରଞ୍ଜନ ପରିଡ଼ା ପ୍ରତିଦିନ ହସ୍ପିଟାଲକୁ ଯାଇ ନସରିନଙ୍କ ସ୍ୱାସ୍ଥ୍ୟ ଖବର ନେଉଥିଲେ। ଗତ ୫ ତାରିଖରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ପ୍ରତିଦିନ ମଧୁମେହ ପରୀକ୍ଷା ଆବଶ୍ୟକ ଥିବାରୁ ଶିକ୍ଷକ ପରିଡ଼ା ଏକ ଟେଷ୍ଟିଂ ମେଶିନ ପ୍ରଦାନ କରିଛନ୍ତି। ମଧୁମେହ ରୋଗର ଔଷଧ ଲାଗି ପ୍ରତି ମାସରେ ଆର୍ଥିକ ସହଯୋଗ ଦେବା ପାଇଁ ମଧ୍ୟ ସେ କହିଛନ୍ତି। ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ପାଠପଢ଼ାରେ ତାଙ୍କୁ ସହଯୋଗ କରାଯିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି। ସ୍କୁଲ ଶିକ୍ଷକଙ୍କ ଏଭଳି ଉଦ୍ୟମ ଦେଖି କେତେଜଣ ସ୍ଥାନୀୟ ଲୋକ ମଧ୍ୟ ନସରିନଙ୍କ ପରିବାରକୁ ସହଯୋଗର ହାତ ବଢ଼ାଇଛନ୍ତି।



ନସରିନ୍ ବେଗମଙ୍କୁ ସହାୟତା ଦିଆଯାଉଛି ।

